**୭.୩ ତୀବ୍ରତାରେ ଥରିଲେ ଦୁଇ ଦେଶ: ୮୦୦୦ ଆହତ ■ ଭୂସ୍ଖଳନ ଯୋଗୁ ଉଦ୍ଧାର କାର୍ଯ୍ୟ ବାଧାପ୍ରାପ୍ତ ■ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବାର ଆଶଙ୍କା**

# ଇରାକ-ଇରାନରେ ଭୂକମ୍ପ, ୪୫୨ ମୃତ

**ତେହେରାନ୍, ୧୩।୧୧/ପିଟି :**

ଇରାନ୍ - ଇରାକ୍ ସୀମାରେ ବଡ଼ ଧରଣର ଭୂମିକମ୍ପ ଘଟି ଦୁଇ ଦେଶର ୪୫୨ରୁ ଊର୍ଦ୍ଧ୍ୱ ଲୋକ ପ୍ରାଣ ହରାଇଛନ୍ତି। ଏଥିରେ ୮୦୦୦ ଜଣ ଆହତ ହୋଇଥିବା ପ୍ରାଥମିକ ରିପୋର୍ଟରୁ ଜଣାପଡ଼ିଛି। ଆମେରିକା ଭୂତାତ୍ତ୍ୱିକ ସର୍ଭେ ରିପୋର୍ଟ ଅନୁଯାୟୀ ଇରାକ୍‌ର ପୂର୍ବାଞ୍ଚଳ ସହର ହାଲାବ୍‌ଜା ଠାରୁ ୩୧ କିମି ଦୂରରେ ଓ ଭୂପୃଷ୍ଠରୁ ୨୩.୨ କିମି ଗଭୀରତାରେ ଭୂମିକମ୍ପର କେନ୍ଦ୍ରସ୍ଥଳ ଚିହ୍ନଟ ହୋଇଛି। ଏହାର ତୀବ୍ରତା ରିକ୍ଟର୍ ସ୍କେଲ୍‌ରେ ୭.୩ ରେକର୍ଡ କରାଯାଇଛି।

ଇରାନ୍-ଇରାକ୍ ସୀମାରେ ଘଟିଥିବା ଏହି ଭୂମିକମ୍ପ ଯୋଗୁ ଇରାନ୍‌ର ପଶ୍ଚିମରେ ଥିବା କେରମନ୍‌ଶାହ ପ୍ରଦେଶ ଅଧିକ କ୍ଷତିଗ୍ରସ୍ତ ହୋଇଛି। ଦେଶରେ ୪୪୫ ଜଣଙ୍କ ମୃତ୍ୟୁ ଘଟିଥିବା ଇରାନ୍ ରାଷ୍ଟ୍ରାୟତ୍ତ ସମ୍ବାଦ ସରବରାହ ସଂସ୍ଥା ରିପୋର୍ଟରୁ ଜଣାପଡ଼ିଛି। ରାଷ୍ଟ୍ରାୟତ୍ତ ଟେଲିଭିଜନ୍‌ରେ କୁହାଯାଇଛି, ଏଥିଯୋଗୁ ୭୧୦୦ ଜଣ ଆହତ ହୋଇଛନ୍ତି। ଏହା ପାର୍ବତ୍ୟାଞ୍ଚଳ ହୋଇଥିବାରୁ ଅଧିବାସୀମାନେ ମୁଖ୍ୟତଃ କୃଷିକୁ ଜୀବିକା କରି ଜୀବନ ନିର୍ବାହ କରନ୍ତି। ସେହିପରି ଏହି ଭୂମିକମ୍ପ ଯୋଗୁ ଇରାକ୍‌ରେ ଅନ୍ୟୂନ ୭ ଜଣଙ୍କ ମୃତ୍ୟୁ ଘଟିଥିଲା ବେଳେ ୫୩୫ ଜଣ ଆହତ ହୋଇଛନ୍ତି। ଦେଶର ଉତ୍ତରାଞ୍ଚଳ ଅର୍ଦ୍ଧ ସ୍ୱୟଂଶାସିତ କୁର୍ଦ୍ଦିଶ୍ ଅଞ୍ଚଳରେ ଏହି ଭୂମିକମ୍ପ ହୋଇଛି ବୋଲି ଇରାକ୍‌ର ଆଭ୍ୟନ୍ତରୀଣ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଭୂକମ୍ପ ପରେ ଭୂସ୍ଖଳନ ହେବାରୁ ଉଦ୍ଧାର କାର୍ଯ୍ୟରେ ବାଧା ସୃଷ୍ଟି ହୋଇଥିବା ସରକାରୀ ସୂତ୍ରରୁ ଜଣାପଡ଼ିଛି। ଏବେ ବି ଉଦ୍ଧାର କାର୍ଯ୍ୟ ଜାରି ରହିଛି।

ମିଳିଥିବା ରିପୋର୍ଟ ଅନୁଯାୟୀ ଗତକାଲି ରାତିରେ ବଡ଼ ଧରଣର ଭୂମିକମ୍ପ ପରେ ଶତାଧିକ ଥର ପଶ୍ଚାତ୍ କମ୍ପନ ଅନୁଭୂତ ହୋଇଥିଲା। ଲୋକେ କିଭଳି ରାତିରେ ପ୍ରାଣ ବିକଳରେ ଘର ଛାଡ଼ି ରାସ୍ତାକୁ ଚାଲିଆସିଥିଲେ, ସେ ସମ୍ପର୍କରେ ଇରାନ୍‌ର ସୋଶାଲ୍ ମିଡିଆ ଓ ସମ୍ବାଦ ସରବରାହ ସଂସ୍ଥା ଫଟୋଚିତ୍ର ଜାରି କରିଛି। ଭୂମିକମ୍ପରେ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଛି ଇରାନ୍ ଓ ଇରାକ୍‌କୁ ପୃଥକ କରୁଥିବା ଜାଗ୍ରୋସ୍ ପର୍ବତମାଳା ନିକଟରେ ଥିବା ଜନବସତି ଅଞ୍ଚଳ। ଏହି ପରିପ୍ରେକ୍ଷୀରେ ଇରାନ୍‌ର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲ୍ଲୀ ଖାମେନୀ ଆଜି ସକାଳେ ଏଭଳି ପ୍ରାକୃତିକ ବିପର୍ଯ୍ୟୟରେ ବ୍ୟାପକ ଧନ ଜୀବନ କ୍ଷୟକ୍ଷତି ଘଟିଥିବାରୁ ଗଭୀର ଦୁଃଖପ୍ରକାଶ କରିଛନ୍ତି। ବିପନ୍ନଙ୍କୁ ତୁରନ୍ତ ସହାୟତା ଯୋଗାଇଦେବା ଲାଗି ସେ ସରକାରୀ ସଂସ୍ଥାଗୁଡ଼ିକୁ ଆହ୍ୱାନ ଦେଇଛନ୍ତି। ସେହିପରି ଇରାକ୍‌ର ପ୍ରଧାନମନ୍ତ୍ରୀ ହାଇଦର ଅଲ୍-ଆବାଦୀ ଦେଶର ବେସାମରିକ ପ୍ରତିରକ୍ଷା ଟିମ୍‌କୁ ବିପର୍ଯ୍ୟୟର ମୁକାବିଲା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଆଭ୍ୟନ୍ତରୀଣ ମନ୍ତ୍ରଣାଳୟର ମୁଖପାତ୍ର ବ୍ରିଗେଡିୟର ଜେନେରାଲ୍ ସାଦ୍ ମାନ୍ ଇରାକ୍‌ର କ୍ଷୟକ୍ଷତି ସମ୍ପର୍କରେ ସୂଚନା ଦେଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମାନିଲା ଗସ୍ତରେ ଥିଲା ବେଳେ ଏହି ଘଟଣାରେ ଗଭୀର ଶୋକ ପ୍ରକାଶ କରିଛନ୍ତି। ଇତିମଧ୍ୟରେ ତୁର୍କୀ ଉତ୍ତର ଇରାକ୍‌କୁ ଜରୁରି ସହାୟତା ଯୋଗାଇ ଦେଇଛି। ପ୍ରଧାନମନ୍ତ୍ରୀ ବିନାଲି ୟିଲ୍‌ଦିରିମ୍ ଇରାକ୍‌କୁ ଡାକ୍ତରୀ ଟିମ୍ ଓ ଅନ୍ୟାନ୍ୟ ସହାୟତା ତୁରନ୍ତ ଯୋଗାଇ ଦେଇଛନ୍ତି।

▸▸ ୭



ସୌଜନ୍ୟ: ବୋଷ୍ଟନ୍ ୨୪ ନ୍ୟୁଜ୍

NITIDIN Tue, Nov 14, 2017
http://odishanewsnitidin.com